# ଉପଜିଲ୍ଲାପାଳ ପୁରୀଙ୍କ କାର୍ଯ୍ୟାଳୟ, ପୁରୀ

**ବିଜ୍ଞାପନ ସଂଖ୍ୟା ୪୨୩୭ ତାରିଖ-୨୪.୧୧.୨୦୨୧**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମନ୍ଦିରର ଶାନ୍ତିଶୃଙ୍ଖଳା ତଥା ପ୍ରକାରାନ୍ତରେ ମନ୍ଦିରର ଉନ୍ନତି କଳ୍ପେ ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥ ଦେବ ପୁରୀଙ୍କ ମନ୍ଦିରର ଜାଗର ପଡିଆ, ଜୋତା ଷ୍ଟାଣ୍ଡ ଓ ବଗାୟତ ର ପୃଥକ ପୃଥକ ଭାବେ ବର୍ଷିକିଆ ନିଲାମ ପାଇଁ ଟେଣ୍ଡର ଆହ୍ଵାନ କରଯାଉଅଛି। ଏଥିପାଇଁ ସର୍ବନିମ୍ନ ନିଲାମ ରାଶି ନିମ୍ନ ମତେ ଧାର୍ଯ୍ୟକରାଯାଇଅଛି । ଟେଣ୍ଡରର ଅବଧି ଚୁକ୍ତି ଦିନ ଠାରୁ ଆରମ୍ଭ ହୋଇ ଏକବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ତେଣୁ ଇଚ୍ଛୁକ ବ୍ୟକ୍ତିବିଶେଷ ମାନଙ୍କ ମଧ୍ଯରୁ ଯେଉଁମାନେ ନିଲାମ ନେବାପାଇଁ ଆଗ୍ରହ ପ୍ରକାଶ କରୁଅଛନ୍ତି ସେମାନେ ନିମ୍ନ ମତେ ନିଜର ସୁଚିନ୍ତିତ ନିଲାମ ରାଶି ସହିତ ଅମାନତ ଟଙ୍କା Demand Draft ଆକାରରେ Payable in favour of Interim Managing Trustree – cum- Sub-Collector, Lokanathdev,Temple, Puri ଙ୍କ ନାମେ Demand Draft ସହିତ ନିର୍ଦ୍ଧାରିତ ଟେଣ୍ଡର କାଗଜରେ ଲିପିବଦ୍ଧକରି ଜଉମୁଦଦିଆ ଲଫାପାରେ ଉପଜିଲ୍ଲାପାଳ ପୁରୀଙ୍କ ଠିକଣାରେ ରେଜେଷ୍ଟ୍ରି ଡାକଯୋଗେ ଅଥବା ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଥିବା ନିର୍ଦ୍ଧାରିତ ବାକ୍ସରେ ତା. ୦୩।୧୨।୨୦୨୧ ଦିବା ୩ ଘଟିକା ସୁଦ୍ଧା ପକାଇ ପାରିବେ । ଟେଣ୍ଡର ପକାଇବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଟ ୫୦୦/- (ପାଞ୍ଚଶହ) ଟଙ୍କା ଦାଖଲ କରି ନିର୍ଦ୍ଧାରିତ ଟେଣ୍ଡର କାଗଜ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାଜିରଙ୍କ ପାଖରୁ କ୍ରୟ କରିପାରିବେ। ଗୋଟିଏ ଟେଣ୍ଡର କାଗଜରେ କେବଳ ଗୋଟିଏ ମାତ୍ର ଟେଣ୍ଡର ହେବାକୁଥିବା ଜିନିଷ ପାଇଁ ଟେଣ୍ଡର ପକାଯାଇ ପାରିବ। ଜଣେ ଆବେଦନକାରୀ ଯଦି ଏକାଧିକ ଜିନିଷ ପାଇଁ ଟେଣ୍ଡର ପକାଇବାକୁ ଇଚ୍ଛୁକ, ତେବେ ସେ ପୃଥକ ପୃଥକ ଟେଣ୍ଡର କାଗଜ କ୍ରୟକରୀ ପୃଥକ ଭାବେ ଜଉମୁଦଦିଆ ଲଫାପାରେ ଟେଣ୍ଡର ପକାଇପାରିବେ। ଆବେଦନକାରୀମାନେ ସେମାନଙ୍କର ସମ୍ପୂର୍ଣ ଠିକଣା ସହିତ ମୋବାଇଲ ନମ୍ବର ଦେବାକୁ ଭୁଲିବେ ନାହିଁ। ଆବେଦନକାରୀମାନଙ୍କର ଉପସ୍ଥିତିରେ ଜଉମୁଦଦିଆ ବାକ୍ସରେ ଥିବା ଟେଣ୍ଡର କାଗଜଗୁଡିକ ତା ୦୩-୧୨-୨୦୨୧ ରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ଖୋଲାଯିବ । ଯେଉଁ ମାନଙ୍କର ନିଲାମ ରାଶି ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ନିଲାମ ରାଶି ଠାରୁ ଅଧିକା ଥିବ, ସେମାନଙ୍କର ନିଲାମ ଫର୍ଦ୍ଦ କେବଳ ଗ୍ରହଣୀୟ ହୋଇ ବିଚାରକୁ ନିଆଯିବ । ସର୍ବାଧିକ ନିଲାମ ରାଶି ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଟେଣ୍ଡର ଖୋଲାହେବା ଦିନ ତାଙ୍କଦ୍ଵାରା ***ଉଲ୍ଲିଖିତ ନିଲାମ ରାଶିକୁ*** ସଙ୍ଗେ ସଙ୍ଗେ ରସିଦ ନେଇ ଦାଖଲ କରିବାକୁ ପଡିବ । ଟେଣ୍ଡର ଗ୍ରହିତା ସମ୍ପୁର୍ଣ ନିଲାମ ରାଶି ଦାଖଲ କରି ଏକ ଚୁକ୍ତିପତ୍ର ସମ୍ପାଦନ କଲାପରେ ତାଙ୍କୁ ଟେଣ୍ଡର ଗ୍ରହିତା ଭାବେ ଗ୍ରହଣ କରାଯିବ ଏବଂ ଟେଣ୍ଡର ଗ୍ରହିତାଙ୍କୁ ଚୁକ୍ତିପତ୍ର ଅନୁଯାଇ ସପୃକ୍ତ ଟେଣ୍ଡର ଦଖଲ ଦିଆଯିବ। ଯେଉଁ ବ୍ୟକ୍ତି ସମ୍ପୁର୍ଣ ରାଶି ଦେଇ ନ ପାରିବେ ତାଙ୍କ ଅମାନତ ରାଶି ବାଜ୍ୟାପ୍ତ କରି ତାଙ୍କ ନିମ୍ନ ରେ ଥିବା ବ୍ୟକ୍ତି ଙ୍କୁ ସୁଯୋଗ ଦିଆଯିବ ।

**ବି.ଦ୍ର.:** ନିମ୍ନ ସ୍ୱାକ୍ଷରକାରୀ ଇଛାପ୍ରକାଶ କଲେ, ବିନା କାରଣରେ ସମସ୍ତ ଟେଣ୍ଡର କାଗଜକୁ ରଦ୍ଦ କରିପାରିବେ ବା ଯେ କୌଣସି ଟେଣ୍ଡରକୁ କାଏମ ରଖିପାରିବେ ବା ପୁନଃ ନିଲାମ ପାଇଁ ଆଦେଶ ଦେଇ ପାରିବେ ।

| କ୍ରମିକ ସଂଖ୍ୟା | ଟେଣ୍ଡର ହେବାକୁ ଥିବା ସ୍ଥାନ /ଜିନିଷର ପ୍ରକାର | ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ଅର୍ଥ ରାଶି | ଅମାନତ ରାଶି |
|---|---|---|---|
| ୧ | . ଜାଗର ପଡିଆ- ( ଦୀପ ଓ ଫୁଲ ଦୋକାନ, ଚାରି ଚକିଆ , ତିନି ଚକିଆ, ଦୁଇ ଚକିଆ ଯାନ ପାର୍କିଂ ଓ ଅସ୍ଥାୟୀ ଦୋକାନ ଶିବରାତ୍ରି , ସରନ୍ତି ସୋମବାର ଏବଂ ଶ୍ରାବଣ ମାସ ର ବୋଲବମ ଇତ୍ୟାଦି ) | ଟ ୧୫ ,୨୭ ,୭୭୭ (ପନ୍ଦର ଲକ୍ଷ ସତେଇଶି ହଜାର ପାଞ୍ଚ ସତସ୍ତରି ଟଙ୍କା )ମାତ୍ର | ଟ ୧,୫୨,୮00 ଙ୍କା (ଏକ ଲକ୍ଷ ବାବନ ହଜାର ଆଠ ଶହ ଟଙ୍କା)ମାତ୍ର |
| ୨ | ଯୋତା ଷ୍ଟାଣ୍ଡ | ଟ ୩,୧୯,୩୩୩ (ତିନି ଲକ୍ଷ ଉନିଶି ହଜାର ତିନି ଶହ ତେତିଶି)ମାତ୍ର | ଟ ୩୨ ,000 ଙ୍କା (ବତିଶି ହଜାର ଟଙ୍କା)ମାତ୍ର |
| ୩ | ବଗାୟତ | ଟ ୫,୦୦୦/-( ପାଞ୍ଚ ହଜାର ଟଙ୍କା )ମାତ୍ର | ଟ ୫,୦୦/-( ପାଞ୍ଚ ଶହ ଟଙ୍କା )ମାତ୍ର |

ଉପଜିଲ୍ଲାପାଳ, ପୁରୀ ତଥା ମଧ୍ୟବର୍ତ୍ତୀକାଳୀନ ପରିଚାଳନାନ୍ୟାସୀ,
ଶ୍ରୀ ଶ୍ରୀ ଲୋକନାଥଦେବ ମନ୍ଦିର କାର୍ଯ୍ୟାଳୟ ,ପୁରୀ